# ଓଡ଼ିଶା ଇତିହାସରେ ମଧୁବାବୁ

ନରେଶ ରାଉତ

ଓଡ଼ିଶା ଇତିହାସରେ ମଧୁସୂଦନ ଦାସ ଥିଲେ ଜଣେ ଅଦ୍ୱିତୀୟ ଆଇନଜ୍ଞ, ରାଜନେତା, ସାମାଜିକ ସଂସ୍କାରକ, ଶିକ୍ଷାବିତ୍ ଓ ସ୍ୱାଧୀନତା ସଂଗ୍ରାମୀ । ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ୧୮୪୮ମସିହା ଅପ୍ରେଲ ୨୮ ତାରିଖରେ ଜନ୍ମଲାଭ କରିଥିଲେ । ତାଙ୍କର ଶୈଶବ ସମୟରେ ତାଙ୍କୁ ଗୋବିନ୍ଦବଲ୍ଲଭ ବୋଲି ଡ଼କା ଯାଉଥିଲା । ତାଙ୍କର ପିତାଙ୍କ ନାମ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ । ପରବର୍ତ୍ତୀ ସମୟରେ ସେ ତାଙ୍କର ଗୋବିନ୍ଦବଲ୍ଲଭ ନାମକୁ ପରିବର୍ତ୍ତନ କରି ମଧୁସୂଦନ ନାମରେ ନାମିତ କରିଥିଲେ । ତାଙ୍କର ବାଲ୍ୟଶିକ୍ଷା ଏକ କ୍ଷୁଦ୍ର ଚାଟଶାଳୀରେ ଆରମ୍ଭ ହୋଇଥିଲା । ତେରବର୍ଷ ବୟସରେ ମଧୁସୂଦନ କଟକ ସହରରେ ଥିବା ସରକାରୀ ହାଇସ୍କୁଲରେ ପାଠ ପଢ଼ିଥିଲେ । ପରବର୍ତ୍ତୀ ସମୟରେ ସେହି ସରକାରୀ ହାଇସ୍କୁଲଟି ରେଭେନ୍ସା କଲେଜିଏଟ୍ ସ୍କୁଲରେ ପରିଣତ ହୋଇଥିଲା । ମଧୁସୂଦନ କଲିକତାରେ ଏଣ୍ଟ୍ରାନ୍ସ ପାସକରି ଉଚ୍ଚ ଶିକ୍ଷା ଲାଭ ପାଇଁ ଯାତ୍ରା କଲେ । ଅର୍ଥାଭାବ ହେତୁ କଲିକତାରେ ରହି ପାଠ ପଢ଼ିବା ସମ୍ଭବପର ହେଲା ନାହିଁ ।

୧୮୭୩ ଖ୍ରୀଷ୍ଟାବ୍ଦରେ ସେ ଇଂରାଜୀ ସାହିତ୍ୟରେ ଏମ.ଏ. ପାସ୍ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ବି.ଏଲ. ପାସ କରି କଲିକତା ହାଇକୋର୍ଟରେ ଓକିଲାତି କରିଥିଲେ । କଲିକତାରେ ଥିବାବେଳେ କଲିକତାର ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିଲେ । ୧୮୮୦ ମସିହାରେ ସେ କଟକରେ ତାଙ୍କର ଓକିଲାତି ଜୀବନ ଆରମ୍ଭ କରିଥିଲେ । ସେ ତାଙ୍କର ଓକିଲାତି ଜୀବନରେ ଅନେକ ଦରିଦ୍ର ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିଥିଲେ । କୌଣସି ଅର୍ଥର ପ୍ରଲୋଭନ ନଦେଖାଇ ଅତ୍ୟାଚାରୀମାନଙ୍କ କବଳରୁ ସେମାନଙ୍କୁ ମୁକ୍ତ କରିଥିଲେ ।

ମଧୁସୂଦନ ଇଂରେଜ ସରକାରଙ୍କ ବିପକ୍ଷରେ ଲଢ଼େଇ କରି ଓଡ଼ିଶାର ସମ୍ମାନ ରକ୍ଷା କରିଥିଲେ । ଓଡ଼ିଶାର ପୁରୀରାଜାଙ୍କ ହାତରୁ ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ଇଂରେଜମାନଙ୍କ ହାତକୁ ଯିବା ପାଇଁ ଆଇନ୍ ପ୍ରଣୟନ କରାଯାଇଥିଲା ଏବଂ ସେହି ଆଇନକୁ ରଦ୍ଦ କରିବା ପାଇଁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼େଇ କରିଥିଲେ । ୧୮୮୩ ମସିହାରେ ସେ କଟକସ୍ଥିତ ରେଭେନ୍ସା କଲେଜରେ ଥିବା ଲ' କ୍ଲାସ୍‌ରେ ଆଇନ୍ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ତାଙ୍କୁ କଟକ ଜିଲ୍ଲା ବୋର୍ଡ଼ରେ ଚେୟାରମ୍ୟାନ୍ କଲିକତା ବିଶ୍ୱବିଦ୍ୟାଳୟର ସଭ୍ୟ ରୂପେ ନିଯୁକ୍ତି ଦିଆଯାଇଥିଲା । ୧୮୯୬ ମସିହାରେ ମଧୁସୂଦନ ବେଙ୍ଗଲ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ପରବର୍ତ୍ତୀ ନିର୍ବାଚନରେ ଜୟଲାଭ କରି ସେଠାରେ ୧୫ବର୍ଷ ପାଇଁ ସଭ୍ୟ ହୋଇ ରହିଥିଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା ପରେ ମଧୁବାବୁ ଏହାର ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ନିର୍ବାଚନରେ ଜୟଲାଭ କରିଥିଲେ । ୧୯୧୪ ମସିହାରେ ମଧୁବାବୁ ଦିଲ୍ଲୀସ୍ଥିତ ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ପାଇଁ ମନୋନୀତ ହୋଇଥିଲେ । ୧୯୧୯ ମସିହାରେ ଭାରତ ଶାସନ ଆଇନ ଅନୁସାରେ ନୂତନ ନିର୍ବାଚନରେ ଜୟଯୁକ୍ତ ହୋଇ ମଧୁବାବୁ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ହୋଇଥିଲେ । ୧୯୨୧ ମସିହାରେ ସରକାର ତାଙ୍କୁ ସ୍ଥାନୀୟ ସ୍ୱାୟତ୍ତଶାସନ ବିଭାଗ ଓ ନିର୍ମାଣ ବିଭାଗରେ ମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ । ତାଙ୍କ ମତରେ ମନ୍ତ୍ରୀ ହେଲେ ଜନସାଧାରଣଙ୍କର ସେବକ ଓ ଜନସେବା ପାଇଁ ମନ୍ତ୍ରୀମାନେ ଦରମା ପାଇବା ଠିକ୍ ନୁହେଁ । ସେ ସର୍ବଦା ଜନସ୍ୱାର୍ଥ ଦିଗରେ ନିଜକୁ ନିୟୋଜିତ କରୁଥିଲେ । ତାଙ୍କର ଏହି ସରକାର ବିରୋଧୀ ମନ୍ତବ୍ୟ ପାଇଁ ସରକାର ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିଥିଲେ ।

ମଧୁସୂଦନ ଦାସ ଓଡ଼ିଶା ପ୍ରଦେଶ ଗଠନ ଦିଗରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାର କିଛି ଅଂଶ ମାନ୍ଦ୍ରାଜରେ କେତେକ ଅଂଶ ମଧ୍ୟପ୍ରଦେଶରେ ଓ କେତେକ ଅଂଶ ବେଙ୍ଗଲ ପ୍ରେସିଡେନ୍ସିରେ ଯୋଡ଼ା ହୋଇଥିଲା । କଟକ, ପୁରୀ, ବାଲେଶ୍ୱର ଅନୁଗୁଳକୁ ନେଇ ସେତେବେଳର ଓଡ଼ିଶା ଗଠନ ହୋଇଥିଲା । ତାହାକୁ ଓଡ଼ିଶା ସବ୍‌ଡିଭିଜନ୍ ବୋଲି କୁହାଯାଉଥିଲା । ଏହି ସମୟରେ ମଧୁସୂଦନ ଓଡ଼ିଶାର ଛିନ୍ନବିଚ୍ଛିନ୍ନ ଅଞ୍ଚଳଗୁଡ଼ିକୁ ଏକତ୍ରିତ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଏହାକୁ ଭିତ୍ତିକରି ସେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କଲେ । ସେ ଉତ୍କଳ ସମ୍ମିଳନୀରେ ବିଭିନ୍ନ ଭାଷଣମାନ ପ୍ରଦାନ କରୁଥିଲେ ଯେଉଁଗୁଡ଼ିକ ଅତ୍ୟନ୍ତ ଜ୍ଞାନଗର୍ଭକ ଥିଲା । ମଧୁବାବୁ ବହୁ ପୂର୍ବରୁ ଖଦଡ଼ ବସ୍ତ୍ର ପରିଧାନ କରିବା ପାଇଁ ଉତ୍କଳବାସୀଙ୍କୁ ଉପଦେଶ ଦେଇଥିଲେ । ଉତ୍କଳବାସୀମାନେ ଏହି ଖଦଡ଼ ବସ୍ତ୍ରକୁ ଅତ୍ୟନ୍ତ ଆନନ୍ଦରେ ପରିଧାନ କରୁଥିଲେ । ହାତକଟା ସୂତାରେ ଲୁଗାବୁଣା ହୋଇଥିବା ଖଦଡ଼ ବସ୍ତ୍ରକୁ ଲୋକେ 'ମଧୁବାବୁ ଲୁଗା' ବୋଲି କହୁଥିଲେ ।

ମଧୁବାବୁ ଥିଲେ ଜଣେ ଉଚ୍ଚକୋଟୀର ନେତା । ସେ ଭାରତୀୟ ଜାତୀୟ କଂଗ୍ରେସର ନେତା ଥିଲେ । ସେ କଂଗ୍ରେସ ଭିତରେ ରହି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ପ୍ରୟାସ କରିଥିଲେ । ଅନ୍ୟମାନଙ୍କର ଚିନ୍ତା ଓ ଚେତନା ମଧୁବାବୁଙ୍କ ପ୍ରୟାସରେ ପୂର୍ଣ୍ଣଚ୍ଛେଦ ପକାଇଥିଲା, ଯାହାପାଇଁ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଉତ୍କଳ ସମ୍ମିଳନୀର ଅମୂଲ୍ୟ ଅବଦାନ ପାଇଁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପରେ ୧୯୩୬ ମସିହା ଅପ୍ରେଲ୍ ୧ ତାରିଖରେ ଗଠନ ହୋଇଥିଲା ।

ବିଭିନ୍ନ କୋଣଅନୁକୋଣରୁ ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ମଧୁବାବୁ ଥିଲେ ଜଣେ ଉଚ୍ଚକୋଟୀର ମଣିଷ । ଓଡ଼ିଶାର ଅର୍ଥନୈତିକ ଦିଗକୁ ମଧ୍ୟ ଦୃଢ଼ୀଭୂତ କରିବା ପାଇଁ ସେ ସଂକଳ୍ପବଦ୍ଧ ହୋଇଥିଲେ । ସେ ଉତ୍କଳ ଟାନେରୀ ଓ ଓଡ଼ିଶା ତାରକସି କାମ ନାମକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସେ ତାଙ୍କର ଜ୍ଞାନ, ବୁଦ୍ଧି ଓ ଚପଳତା ପାଇଁ ଇଂରେଜମାନଙ୍କ ପାଖରେ ଅନେକ ପ୍ରଶଂସିତ ହୋଇଥିଲେ । ତାଙ୍କର ଜୀବନକାଳ ଭିତରେ ସେ ଦୁଇଥର ବିଲାତ ଯାଇଥିଲେ । ୧୯୩୪ ମସିହା ଫେବୃଆରୀ ୪ ତାରିଖ କଟକଠାରେ ତାଙ୍କର ଦେହାନ୍ତ ହୋଇଥିଲା । ଉନବିଂଶ ଶତାବ୍ଦୀର ମଧୁବାବୁ ଥିଲେ ଉତ୍କଳ ତାରକା । ତାଙ୍କର ମହନୀୟ କୃତିଦ୍ୱାରା ସେ ବିଶ୍ୱ ଦରବାରରେ ସୁଖ୍ୟାତି ଅର୍ଜନ କରିପାରିଥିଲେ । ତାଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଶେଖର ମିଶ୍ର ଲେଖିଛନ୍ତି –ଜୀବନର ରଣ ଶୁଝି ରଣ ଭୂମେ ଯୁଝି ଯୁଝି ପଡ଼ିଗଲା ଶେଷେ ଆଜି ସଂଗ୍ରାମ କେଶରୀ । ତାହାର ଜନମମାଟି ଯାଇଅଛି ଆଜି ଫାଟି ମାଆ କୋଳେ ଶେଷେ ବୀର ନେଇଅଛି ବରି । ବାସ୍ତବରେ ମଧୁସୂଦନ ଥିଲେ ସାହସୀ, ବୀର ଓ ସଂଗ୍ରାମ କେଶରୀ । ସେ ପ୍ରତ୍ୟେକ ଓଡ଼ିଆ ଭିତରେ ଏକ ନୂତନ ଆଦର୍ଶ ରୂପରେ ପରିଗଣିତ ହେଉଥିଲେ । ସେକାଳରେ ପ୍ରତ୍ୟେକ ଉତ୍କଳବାସୀ ଆନନ୍ଦରେ ଶିଶୁମାନଙ୍କୁ ତାଙ୍କୁ ଆଦର୍ଶରେ ପ୍ରୋତ୍ସାହିତ କରୁଥିଲେ ଯାହାକି ଲୋକ କଥାରେ ପ୍ରକାଶିତ ହେଉଥିଲା, ତାହା ହେଉଛି ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ମଧୁବାବୁ ଥିଲେ ଉଚ୍ଚମନା । ଓଡ଼ିଆ ଜାତିକୁ ଉଚ୍ଚ କରିବା ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ଓ ତାଙ୍କର ସେଇ ଓଡ଼ିଆ ମମତା, ସ୍ନେହ ଓ ପ୍ରାଣ ଉତ୍କଳବାସୀଙ୍କୁ ବିଶ୍ୱ ଦରବାରରେ ପରିଚୟ ଦେବାରେ ସହାୟକ ହୋଇଥିଲା । ଭାରତ ଇତିହାସରେ ମଧୁବାବୁଙ୍କର ଚରିତ୍ର ଥିଲା ଅତି ବିରଳ ଓ ବିରାଟ, ଯାହାପାଇଁ ସେ ହୋଇଥିଲେ ପ୍ରତ୍ୟେକ ଓଡ଼ିଆର ଆଦର୍ଶ । ପରିଶେଷରେ ତାଙ୍କର ଏହି କୃତିତ୍ୱମୟ ଅବଦାନ ଓଡ଼ିଶା ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିପାରିଛି ।

**ସହାୟକ ସୂଚୀ:**

K.Mishra- Utkala Itihasa (Oriya, Cuttack, 1933.

R.D. Banerjee: History of Orissa, 2vols. Calcutta. 1930-31

Surendra Nath- Orissa Swadhinata Sangramara Itihasa, Puri, 1957.

N.K. Sahu & P.K. Mishra (ed)- Madhusudan Das, the Legislator, Rourkela, 1980

W.W.Hunter- Orissa, Vols- I & II, London, 1980

H.K. Mahtab- History of Orissa Vol-I & II, Cuttack, 1960.

ଗ୍ରାମ/ପୋ–ବେଲ୍‌ଟାଲ୍
ଭାୟା– ପଟ୍ଟାମୁଣ୍ଡେଇ, ଜିଲ୍ଲା– କେନ୍ଦ୍ରାପଡ଼ା–୭୫୪୨୧୫